# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**07th November - 2024**

**News Editor : *Itishree Singh Rathore***

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ଅନେକ ପୁରୁଣା ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି : କହିଲେ ମୁଖ୍ୟମନ୍ତ୍ରୀ ।
- ଓଡ଼ିଶା ରିଲିଫ କୋଡ୍ ପରିବର୍ତ୍ତନ ହୋଇ ଅଧିକାର ଆଇନ ହେବ : ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ ।
- ମାଲକାନଗିରିରେ ମାଓବାଦୀ ମୁକାବିଲା ନେଇ ସମୀକ୍ଷା କଲେ ପୁଲିସ ମହାନିର୍ଦ୍ଦେଶକ ।

ଏବଂ

- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ଆଦିବାସୀବହୁଳ ଗ୍ରାମଗୁଡ଼ିକରେ ହେବ ସ୍ୱତନ୍ତ୍ର ଗ୍ରାମସଭା ।

*Bhubaneswar*

## ପୁରୁଣା ଆଇନ ରଦ୍ଦ

ରାଜ୍ୟରେ ଅନେକ ପୁରୁଣା, ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ଚିହ୍ନଟ କରାଯାଇ ରଦ୍ଦ କରାଯିବ। ଏଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟସଂହିତା ଜାଗୃତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଗତ ୧୦ ବର୍ଷରେ କେନ୍ଦ୍ର ସରକାର ୧ ହଜାର ୫୫୦ରୁ ଅଧିକ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରିଛନ୍ତି। ନୂତନ ଭାବେ ପ୍ରଣୀତ ଆଇନକୁ ପୀଡ଼ିତାକୈନ୍ଦ୍ରିକ କରାଯାଇଛି ତେବେ ପୂର୍ବରୁ ଏହା ଅପରାଧିକୈନ୍ଦ୍ରିକ ଥିଲା। ସ୍ୱଚ୍ଛ ପ୍ରକ୍ରିୟାରେ ନିରପେକ୍ଷ ଭାବେ ତ୍ୱରିତ ନ୍ୟାୟ ପ୍ରଦାନ ଏହି ମୌଳିକ ପରିବର୍ତ୍ତନର ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟର ବିଭିନ୍ନ ପୁଲିସ ଥାନା ଓ ବିଚାରାଳୟରେ ପଡ଼ିରହିଥିବା ମହିଳା ହିଂସା ସମ୍ବନ୍ଧୀୟ ମାମଲାଗୁଡ଼ିକୁ ତର୍ଜମା କରାଯାଇ ଦଣ୍ଡବିଧାନ କରିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ପରାମର୍ଶ ଦେଇଛନ୍ତି।

*BBSR*

## ଗ୍ରାମ ନ୍ୟାୟାଳୟ ପ୍ରତିଷ୍ଠା

ଜନସାଧାରଣଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ପାଇଁ ସବୁ ବ୍ଲକରେ ଗ୍ରାମ ନ୍ୟାୟାଳୟ ଆରମ୍ଭ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଭାରତୀୟ ନ୍ୟାୟସଂହିତା ଜାଗୃତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଏହି ବ୍ୟବସ୍ଥା ଦ୍ୱାରା ଲୋକଙ୍କ

ଦ୍ୱାରମୁହଁରେ ନ୍ୟାୟ ପହଞ୍ଚିପାରିବ। ପ୍ରଥମେ ୬ଟି ଗ୍ରାମ ନ୍ୟାୟାଳୟ ଆରମ୍ଭ ପାଇଁ ଅନୁମତି ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

***Bhubaneswar***

## ଅଧିକାର ଆଇନ

ଓଡ଼ିଶା ରିଲିଫ କୋଡ଼ ବଦଳରେ ଅଧିକାର ଆଇନ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ପ୍ରାକୃତିକ ବିପର୍ଯ୍ୟୟ ବେଳେ ସହାୟତା ପ୍ରଦାନ ସମୟରେ ରିଲିଫ କୋଡ ଆଇନର ବ୍ୟବହାର ହୋଇଥାଏ। ଏହା ବଦଳରେ ଲୋକମାନଙ୍କୁ ସେମାନଙ୍କର ଅଧିକାର ମିଳିବ ବୋଲି ମନ୍ତ୍ରୀ କହିଛନ୍ତି।

***HS***

## ନୂଆବର୍ଷରୁ ଚାଉଳ ସହିତ ଗହମ

ରାଜ୍ୟ ସରକାର ଖାଦ୍ୟସୁରକ୍ଷା ଯୋଜନା ଅଧିନରେ ହିତାଧିକାରୀମାନଙ୍କୁ ଆସନ୍ତା ଜାନୁୟାରୀ ମାସରୁ ଚାଉଳ ସହିତ ଗହମ ଦେବା ପାଇଁ ବ୍ୟବସ୍ଥା କରୁଛନ୍ତି ବୋଲି ଖାଦ୍ୟଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଜିଲ୍ଲାସ୍ତରରେ ଗହମର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳମାନଙ୍କୁ ତଥ୍ୟ ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି। ହିତାଧିକାରୀମାନଙ୍କର ଇ-କେଓ୍ୱାଇସି କାର୍ଯ୍ୟ ଶେଷ ହେବାପାଇଁ ଆଉ ୧୫ ଦିନ ସମୟ ଆବଶ୍ୟକତା ରହିଛି। ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି ବର୍ତ୍ତମାନ ସରକାରୀ ସ୍ତରରେ ୧୬ ଲକ୍ଷରୁ ଅଧିକ ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି।

***Desk***

## ଧର୍ମେନ୍ଦ୍ର ପ୍ରଧାନ

ଜନସେବାକୁ ପ୍ରାଥମିକତା ହୋଇ କାମ କରିବାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଜେପି କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସମ୍ବଲପୁରଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦଳୀୟ କର୍ମକର୍ତ୍ତାମାନଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ପ୍ରଧାନ କହିଛନ୍ତି ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କିଭଳି ଲୋକଙ୍କ ପାଖରେ ପହଞ୍ଚିପାରିବ ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ। ରାଜ୍ୟରେ ନୂତନ ସରକାର ଗଠନ ହେବାପରେ ସୁଭଦ୍ରା ଯୋଜନା ଦ୍ୱାରା ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସମ୍ବଲପୁର ଜିଲ୍ଲାରେ ପାନୀୟଜଳ ସମସ୍ୟା ଦୂର କରିବା, ଜିଲ୍ଲାକୁ ଯକ୍ଷ୍ମାମୁକ୍ତ କରିବା, ପିଏମ୍ ସ୍ୱନିଧି ଯୋଜନାରେ ସହରାଞ୍ଚଳର ଉଠା ଦୋକାନୀମାନଙ୍କୁ ଋଣ ଦେବାର ବ୍ୟବସ୍ଥା କରିବା ଉପରେ ସଚେତନତା ସୃଷ୍ଟି କରିବା ନେଇ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି।

***Cuttack***

## ବାଲିଯାତ୍ରା

କଟକ ସହରରେ ଚଳିତ ବର୍ଷ ଉଭୟ ଉପର ଏବଂ ତଳ ପଡ଼ିଆରେ ବାଲିଯାତ୍ରା ଆୟୋଜନକୁ ହାଇକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ତେବେ ଆସନ୍ତାବର୍ଷ କେବଳ ତଳ ପଡ଼ିଆରେ ବାଲିଯାତ୍ରା କରିବା ପାଇଁ ପଦକ୍ଷେପ ନେବାପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବାଲିଯାତ୍ରାରେ ଭିଡ଼ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାଲାଗି ଜିଲ୍ଲା ପ୍ରଶାସନକୁ କୁହାଯାଇଛି। କ୍ଷୁଦ୍ର ବ୍ୟବସାୟୀମାନେ ରାସ୍ତାକଡ଼ କିମ୍ବା ଫୁଟ୍‌ପାଥ୍‌ରେ

ବ୍ୟବସାୟ ନ କରି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସାୟ କରିବା ଲାଗି ପ୍ରଶାସନ ପକ୍ଷରୁ ଜାଗା ଯୋଗାଇଦେବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

*Malkangiri*

## ମାଓ ଦମନ

ମାଲକାନଗିରି ଜିଲ୍ଲାରେ ମାଓବାଦୀ ମୁକାବିଲା ନେଇ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମୀକ୍ଷା କରିଛନ୍ତି । ଶ୍ରୀ ଖୁରାନିଆ ପ୍ରଥମେ ସ୍ୱାଭିମାନ ଅଞ୍ଚଳର ଗୋରସେତୁ ବିଏସ୍ଏଫ୍ କ୍ୟାମ୍ପ ପରିଦର୍ଶନ କରି ସେଠାକାର ବରିଷ୍ଠ ଅଧିକାରୀଙ୍କ ସହ ମାଓ ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ସ୍ୱାଭିମାନ ଅଞ୍ଚଳରେ ସମସ୍ତ ପ୍ରକାର ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି । ମାଓଦମନ ନେଇ ପୋଲିସ୍, ଅବକାରୀ ବିଭାଗ, ରାଜସ୍ୱ ଓ ବନବିଭାଗ ପକ୍ଷରୁ ଅପରେସନ୍ ଜାରି ରହିଛି ବୋଲି ପୋଲିସ ମହାନିର୍ଦ୍ଦେଶକ କହିଛନ୍ତି ।

# - V/O –

***I&PR***

## ବିର୍ସାମୁଣ୍ଡା ଜୟନ୍ତୀ

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀ ନେତା ଶହୀଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଅବସରରେ ୨୦୨୫ ମସିହାକୁ ଜନଜାତି ଗୌରବ ବର୍ଷ ରୂପେ ପାଳନ କରିବା ନିମନ୍ତେ କେନ୍ଦ୍ର ସରକାର ଘୋଷଣା କରିଛନ୍ତି । ଆସନ୍ତା ୧୫ ତାରିଖରେ ଏହି ଉତ୍ସବର ଶୁଭାରମ୍ଭ କରାଯାଇ ଦେଶର ଆଦିବାସୀବହୁଳ ଗ୍ରାମମାନଙ୍କରେ ସ୍ୱତନ୍ତ୍ର ଗ୍ରାମସଭା ତଥା ପ୍ରଶିକ୍ଷଣ

ଶିବିରର ଆୟୋଜନ କରାଯିବ। ରାଜ୍ୟର ୨୭ଟି ଜିଲ୍ଲାର ୨୩୪ଟି ବ୍ଲକରେ ଥିବା ୨ ହଜାର ୪୦୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୭ ହଜାର ଛଅଶହ ସତଷଠୀଟି ଆଦିବାସୀବହୁଳ ଗ୍ରାମରେ ପଲ୍ଲୀସଭା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ୱତନ୍ତ୍ର ପଲ୍ଲୀସଭା ବୈଠକ ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଞ୍ଚାୟତ, ବ୍ଲକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ, ବେସରକାରୀ ସଂଗଠନର ପ୍ରତିନିଧିମାନେ ଯୋଗଦେଇ ଅଂଶଗ୍ରହଣକାରୀମାନଙ୍କୁ ଅନୁସୂଚିତ ଅଞ୍ଚଳକୁ ପଞ୍ଚାୟତ ସମ୍ପ୍ରସାରଣ ଆଇନ (ପେସା), ଜଙ୍ଗଲ ଅଧିକାର ଆଇନ, ଗ୍ରାମପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତି ଏବଂ ପଞ୍ଚାୟତ ବିକାଶ ସୂଚୀ ସମ୍ପର୍କରେ ଅବଗତ କରାଇବେ। କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ ଅଭିଯାନରୁ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ରାଜ୍ୟସ୍ତରରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତରାଜ ପ୍ରତିଷ୍ଠାନ ଜିଲ୍ଲାସ୍ତରରେ ଜିଲ୍ଲାପରିଷଦ କାର୍ଯ୍ୟକ୍ରମର ତଦାରଖ କରିବେ।

***I&PR***

## ସୁରମା ପାଢ଼ୀଙ୍କ ବିଦେଶ ଗସ୍ତ

ବିଦେଶ ଗସ୍ତରେ ଥିବା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀଙ୍କୁ ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ପ୍ରବାସୀ ଭାରତୀୟ ତଥା ଓଡ଼ିଆ ସମାଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ବାଚସ୍ପତି ଓଡ଼ିଆମାନଙ୍କ ସହ ସାମାଜିକ, ସାଂସ୍କୃତିକ ଚଳଣୀ ଓ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ କାର୍ଯ୍ୟ କରିବା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିରେ ଓଡ଼ିଆ ସମାଜ ପକ୍ଷରୁ ସିଡ୍‌ନୀଠାରେ ପ୍ରଭୁ ଜଗନ୍ନାଥଙ୍କ ଏକ ମନ୍ଦିର ପ୍ରତିଷ୍ଠା

କରାଯିବା ସହ ରଥଯାତ୍ରାର ଆୟୋଜନର ଯୋଜନା ଥିବା ବାଚସ୍ପତିଙ୍କୁ ଅବଗତ କରାଯାଇଥିଲା ।

*I&PR*

## ପ୍ରଭାତୀ ପରିଡ଼ାଙ୍କ ବିଦେଶ ଗସ୍ତ

ଲଣ୍ଡନରେ ଚାଲିଥିବା ଓ୍ୱାର୍ଲ୍ଡ ଟ୍ରାଭେଲ ମାର୍କେଟରେ ଓଡ଼ିଶା ପକ୍ଷରୁ ନେତୃତ୍ୱ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏଡ଼େନ୍‌ବର୍ଗସ୍ଥିତ କନ୍‌ସୁଲେଟ୍ ଜେନେରାଲ, ପ୍ରବାସୀ ଭାରତୀୟ ସମାଜ ତଥା ପର୍ଯ୍ୟଟନରେ ପୁଞ୍ଜିନିବେଶ ପାଇଁ ଆଗ୍ରହୀ ଉଦ୍ୟୋଗୀମାନଙ୍କୁ ସାକ୍ଷାତ କରିଛନ୍ତି । ଏହି ସମୟରେ ସେ ପର୍ଯ୍ୟଟନ ବିକାଶ ସହ କ୍ରୀଡ଼ା, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ନେଇ ଆଲୋଚନା କରିଥିବା ଜଣାପଡ଼ିଛି । ଓ୍ୱାର୍ଲଡ ଟ୍ରାଭେଲ ମାର୍କେଟରେ ରାଜ୍ୟର ପର୍ଯ୍ୟଟନ ଆଭିମୁଖ୍ୟ ତଥା ସମୃଦ୍ଧ ଐତିହ୍ୟ ଏବଂ ଜୈବବିବିଧତାକୁ ଦୃଷ୍ଟିରେ ରଖି ବିଶ୍ୱସ୍ତରୀୟ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

*HS*

## ଆମ୍ବଟାକୁଆ ତଦନ୍ତ ରିପୋର୍ଟ

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ମାଣ୍ଡିପକା ଗ୍ରାମରେ ଆମ୍ବଟାକୁଆ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ମାମଲାରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ରିପୋର୍ଟ ପ୍ରକାଶ ପାଇଛି । ଖାଦ୍ୟ ନମୁନାରେ ରୋଗ ସୃଷ୍ଟିକାରୀ ଜୀବାଣୁ ତଥା ହାଇଡ୍ରୋଜେନ ସଲଫାଇଡ୍ ଟେଷ୍ଟ ପଜିଟିଭ୍ ଥିବା ସମ୍ପର୍କରେ ଦର୍ଶାଯାଇଛି । ଘଟଣାରେ ଅସୁସ୍ଥ ୬ ଜଣଙ୍କ ମଧ୍ୟରୁ ୨ ଜଣ କଟକ ବଡ଼ ମେଡ଼ିକାଲରେ ଚିକିତ୍ସାଧିନ ଅଛନ୍ତି । ଏହି ମାମଲାରେ ଆର୍‌ଡିସି ସ୍ତରୀୟ ତଦନ୍ତ ଆରମ୍ଭ ହୋଇଛି ।

*Boudh*

## ସ୍କାଉଟ ଗାଇଡ୍ ପ୍ରତିଷ୍ଠା ଦିବସ

ବୌଦ୍ଧ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟଠାରେ ଆଜି ଭାରତ ସ୍କାଉଟ ଓ ଗାଇଡ୍ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇ ସ୍କାଉଟ ଓ ଗାଇଡ୍‌ର କର୍ତ୍ତବ୍ୟ ଓ ଦାୟିତ୍ୱବୋଧତା ସମ୍ପର୍କରେ ଆଲୋଚନା କରିଥିଲେ।

*Boudh*

## ଛଟ୍‌ପୂଜା

ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାରମ୍ପରିକ ରୀତିମତମତେ ଛଟ୍‌ପୂଜା ଅନୁଷ୍ଠିତ ହେଉଛି। ଶ୍ରୀ ଚନ୍ଦ୍ରଚୂଡ଼ ମନ୍ଦିର ମହାନଦୀ ଆଳତୀ ଘାଟରେ ଲୋକମାନେ ଏକାଠି ହୋଇ ସୂର୍ଯ୍ୟପୂଜା କରିଛନ୍ତି। ଛଟ୍‌ପୂଜାର ତୃତୀୟ ଦିନରେ ଆଜି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳ ଓ ଅର୍ଘ୍ୟ ପ୍ରଦାନ କରିବା ବିଧି ରହିଛି। ଆସନ୍ତାକାଲି ଉଦିତ ସୂର୍ଯ୍ୟଙ୍କୁ ଜଳ ଓ ଅର୍ଘ୍ୟ ପ୍ରଦାନ କରାଯିବ।

*Desk*

## ଜାତୀୟ କ୍ୟାନ୍‌ସର ସଚେତନତା ଦିବସ ପାଳନ

କର୍କଟ ରୋଗ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଆଜି ପାଳନ କରାଯାଉଛି ଜାତୀୟ କର୍କଟ ସଚେତନତା ଦିବସ। ଚଳିତ ବର୍ଷ ଯତ୍ନ ନେବାରେ ବ୍ୟବଧାନ ଦେବାନାହିଁ ପ୍ରସଙ୍ଗକୁ ନେଇ ଏହି ଦିବସ ପାଳନ କରାଯାଉଛି। ଜଣେ କର୍କଟ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଚିକିତ୍ସା କ୍ଷେତ୍ରରେ ଅବହେଳା କରାଯିବା କୌଣସି ପରିସ୍ଥିତିରେ ଠିକ୍ ନୁହେଁ। କର୍କଟ ରୋଗର କାରଣ ଏବଂ ଚିକିତ୍ସା ପ୍ରଣାଳୀ ସହିତ ଏହି

ରୋଗକୁ ପ୍ରାଥମିକ ସ୍ତରରେ ଚିହ୍ନଟ କରି ଚିକିତ୍ସା କରାଇପାରିଲେ ରୋଗୀ ଆରୋଗ୍ୟ ହେବା ସମ୍ବନ୍ଧରେ ସଚେତନ କରାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାର ୨୦୦୭ ମସିହାରୁ ଜାତୀୟ କର୍କଟ ସଚେତନତା ଦିବସ ପାଳନ କରୁଛନ୍ତି।